ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/FSCW(Od)/1300/22-11-2023**

## ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ବଲାଙ୍ଗିର ଗସ୍ତ

- ଭିନ୍ନକ୍ଷମ ସ୍ୱୟଂ ସହାୟକ ଗୋଷ୍ଠୀକୁ ୨ଟି ହୁଇଲଚେୟାର, ୨ଟି ଟ୍ରାଇ ସାଇକେଲ ସହାୟତା
- ମିସନ କ୍ଷମତା ଯୋଜନା ଆଧାରରେ ପଚାଶ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ

ଭୁବନେଶ୍ୱର, ୨୨/୧୧ ୨୦୨୩

ବଲାଙ୍ଗିର ଜିଲ୍ଲାକୁ ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଶ୍ରୀ ଅବନୀକାନ୍ତ ସାହୁ ତିନି ଦିନିଆ ମାରାଥନ ଗସ୍ତରେ ଯାଇ ପ୍ରଥମ ଦିନରେ ମାରାଥନ ଗସ୍ତରେ ପାଟଣାଗଡର ବିଭିନ୍ନ ଗ୍ରାମାଞ୍ଚଳ ପରିଦର୍ଶନ କରିଛନ୍ତି । ସେ ସରକାରଙ୍କ ବିଭିନ୍ନ ଜନ ଲ୍ୟାଣକାରୀ ଯୋଜନାଗୁଡିକର ସଫଳ କାର୍ଯ୍ୟକାରିତା ବାବଦରେ ଜନସାଧାରଣଙ୍କଠାରୁ ଅବଗତ ହୋଇଥିଲେ । ପ୍ରଥମ ଦିନରେ ସେ ବଣାଇମୁଣ୍ଡା ଅଙ୍ଗନାଡି କେନ୍ଦ୍ର-୨ ଏବଂ ଆଶ୍ରମ ସ୍କୁଲ ପରିଦର୍ଶନ କରି ମଧ୍ୟାନ ଭୋଜନ, ଓଜନ ମାପକ ଯନ୍ତ୍ର, ଛତୁଆର ମାନ ପରଖିଥିଲେ । ପିଲାଙ୍କ ସ୍ୱାସ୍ଥ୍ୟରେ ଖିଲାପି ନ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ତାଗିଦ କରିଥିଲେ ଏବଂ ପରେ ପରେ ବଣାଇମୁଣ୍ଡା ଅଙ୍ଗନାଡି କେନ୍ଦ୍ର-୨ରେ ଓଡିଶା ସରକାରଙ୍କ ଏନିମିଆ ମୁକ୍ତ ଲକ୍ଷ୍ୟ ଅଭିଯାନ(ଅମ୍ଳାନ) ବିଷୟରେ ବିଶଦ ଆଲୋଚନା କରି ଲୋକଙ୍କୁ ସଚେତନ କରିବା ସହ କାର୍ଯ୍ୟକ୍ରମର ସ୍ଥିତି ପରଖିଥିଲେ । ଏହାପରେ ସେ ବଥିଲା ଗ୍ରାମ ପଞ୍ଚାୟତର ଦୁଇଟି ଭିନ୍ନକ୍ଷମ ସ୍ୱୟଂ ସହାୟକ ଗୋଷ୍ଠୀକୁ ୨ଟି ହୁଇଲଚେୟାର, ୨ଟି ଟ୍ରାଇ ସାଇକେଲ ଏବଂ ମିସନ କ୍ଷମତା ଯୋଜନା ଆଧାରରେ ପଚାଶ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଥିଲେ ।

ଏହାପରେ ଶ୍ରୀ ସାହୁ ହରିଶଙ୍କର ମନ୍ଦିର ପରିଦର୍ଶନ କରିବା ସହ ମନ୍ଦିର ବେଢ଼ା ପାର୍ଶ୍ୱବର୍ତ୍ତୀ କାମର ଅଗ୍ରଗତି ବିଷୟରେ ସମୀକ୍ଷା କରିଥିଲେ । ଅପରାହ୍ନରେ ପାଟଣାଗଡ ବ୍ଲକ ଅଫିସ ସମ୍ମିଳନୀ କକ୍ଷରେ ଅଧିକାରୀଙ୍କ ସହ ବିଭିନ୍ନ ଯୋଜନାର ବ୍ଲକ ସ୍ତରୀୟ ସମୀକ୍ଷା ବୈଠକ କରିଥିଲେ । ଏହି ଗସ୍ତବେଳେ ତାଙ୍କ ସହ ରାଜ୍ୟସଭା ସାଂସଦ ଶ୍ରୀ ନିରଞ୍ଜନ ବିଶି, ରାଜ୍ୟ ଖାଦ୍ୟ ଆୟୋଗର ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ, ପ୍ରେମଶିଳା କେରକେଟା, ଆସିଷ୍ଟାଣ୍ଟ ସେକ୍ସନ ଅଫିସର ଅନୁପମ ହୋତା, ପାଟଣାଗଡ ଉପ-ଜିଲ୍ଲାପାଳ ବିଜୟାନନ୍ଦ ସେଠୀଙ୍କ ସମେତ ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ ।

ସୁଶ୍ରୀସଂଗୀତା ମହାରଣା
ଲୋକସଂପର୍କ ଅଧିକାରୀ